# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ଶନିବାର, ଡିସେମ୍ବର ୨୪/୨୦୨୨ Rayagada, Saturday, December 24/ 2022


## ସଂକ୍ଷେପରେ

### ସାଇ ସ୍ୱରୂପାଙ୍କୁ ଶୀଘ୍ର ଖୋଜିବା ଦାବିରେ ଥାନା ଘେରାଉ




ଗୁଡ଼ାରୀ,୨୩।୧୨(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଡ଼ାରୀ ସହରରୁ ୭ ବର୍ଷୀୟା ବାଳିକା ସାଇ ସ୍ୱରୂପାଙ୍କ ନିଖୋଜକୁ ୧୨ ଦିନ ବିତିଯାଇଥିଲେ ମଧ କୌଣସି ପତ୍ତା ମିଳିଲା ନାହିଁ। କିଛିଦିନ ତଳେ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ନିଖୋଜ ସାଇ ସ୍ୱରୂପାଙ୍କ ଘରକୁ ଯାଇ ଦିବ୍ୟାଙ୍ଗ ବାପାଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ଉଚ୍ଚପଦସ୍ଥ ପୋଲିସ ଅଧିକାରୀ ମାନେ ମଧ ନିୟମିତ ବ୍ୟବଧାନରେ ପହଞ୍ଚି ଅନୁସନ୍ଧାନ ଜାରି ରଖିଛନ୍ତି। ହେଲେ ସାଇ ସ୍ୱରୂପାଙ୍କୁ ଖୋଜିବାରେ ପୋଲିସ ସଫଳ ହୋଇପାରିନି। ନିଖୋଜ ନାବାଳିକାଙ୍କୁ ଶୀଘ୍ର ଖୋଜିବା ଦାବିରେ ଶୁକ୍ରବାର ରାମନଗୁଡ଼ା ବ୍ଲକ ଅଧକ୍ଷ ରବି ଶଙ୍କର ଗମାଙ୍ଗଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଥାନା ଘେରାଉ କରାଯିବା ସହ ସ୍ଥାନୀୟ ଗାନ୍ଧୀ ଛକ ନିକଟରେ ୨ ଘଣ୍ଟିଆ ଧାରଣା ଦେଇଥିଲେ। ଏଥିରେ ମଧୁବନ ସରପଞ୍ଚ ବଂଶୀ ଶବର, କେ. ନରହରି, ଜଗ ନାୟକ, ରଞ୍ଜନ ରଥଙ୍କ ସମେତ ସିଭିଲ୍ ସୋସାଇଟି ସଦସ୍ୟମାନେ ଧାରଣାରେ ସାମିଲ ଥିଲେ।

### ଶର୍ଟସର୍କିଟରୁ ଟ୍ରକ୍‌ରେ ନିଆଁ

ରାୟଗଡ଼ା,୨୩।୧୨(ସ୍ୱ.ପ୍ର.)- ରାୟଗଡ଼ା ଠାରୁ ୧୦ କି.ମି. ଦୂର କୋମତାଲପେଟା ଠାରେ ଶର୍ଟ୍‌ସର୍କିଟରୁ ଏକ ଟ୍ରକ୍‌ରେ ନିଆଁ ଲାଗିଯାଇଥିବା ଜଣାପଡ଼ିଛି। କୋମତାଲପେଟା ସ୍ଥିତ ଭାରତ ପେଟ୍ରୋଲ ପମ୍ପ ନିକଟରେ ଅଟକିଥିବା ଟ୍ରକ୍ ଓଡି ୧୮ ଏ ୬୮୫୭ ରେ ନିଆଁ ଲାଗିଥିଲା। ଖବର ପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଟ୍ରକ୍‌ର କ୍ୟାବିନ୍ ଭିତରେ ନିଆଁ ଲାଗିଯିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ତେବେ ଏଥବରେ କୌଣସି ବ୍ୟକ୍ତି ଆହତ ହୋଇନାହାଁନ୍ତି।

### ୩ ଅଭିଯୁକ୍ତ ଗିରଫ

ଚନ୍ଦାହାଣ୍ଡି, ୨୩।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ଅଧୀନ କରାଡଙ୍ଗରୀ, କାଶିପାଣି ଏବଂ ଖୁଟୁଗୁଡା ଗ୍ରାମର ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଚତୁର୍ଭୁଜ ବାଗ, ରତୁରାମ ପାରଧି ଓ ଗଜେନ୍ଦ୍ର ଖରସେଲଙ୍କୁ ଶୁକ୍ରବାର ଚନ୍ଦାହାଣ୍ଡି ପୋଲିସ ଗିରଫ କରିଛି। ସେମାନଙ୍କୁ ପୋଲିସ ଗିରଫକରି ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତକୁ ପଠାଇଥିଲା। ସେଠାରେ ଅଭିଯୁକ୍ତଙ୍କ ଜାମିନ ଆବେଦନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଚନ୍ଦାହାଣ୍ଡି ଜେଏମ୍‌ଏଫ୍‌ସି କୋର୍ଟରେ ସମସ୍ତ ଅଭିଯୁକ୍ତଙ୍କ ମାମଲା ବିଚାରାଧୀନ ରହିଥିବାବେଳେ ନିୟମିତ କୋର୍ଟରେ ହାଜର ହୋଇ ନ ଥିବାରୁ ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତରୁ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିଲା। ସମସ୍ତଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାପରେ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ କହିଛନ୍ତି।

### ନିଆଁ ପୁଇଁବାବେଳେ ପୋଡ଼ିହୋଇ ଗର୍ଭବତୀ ଗୁରୁତର

ପାପଡ଼ାହାଣ୍ଡି, ୨୩।୧୨(ଡି.ଏନ୍.ଏ.)- ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ପ୍ରଧାନୀଗୁଡ଼ା ଗ୍ରାମର ସନ୍ତୋଷ ବିଷୋୟୀଙ୍କ ସ୍ତ୍ରୀ ମମତା (୨୧)ନିଆଁରେ ପୋଡିହୋଇ ଗୁରୁତର ଅଛନ୍ତି । ଶୀତ ଯୋଗୁ ଶୁକ୍ରବାର ସକାଳୁ ମମତା ଘର ବାରଣ୍ଡାରେ ନିଆଁ ପୋଉଁଥିଲେ। ଅସାବଧନତା ବଶତଃ ଶରୀରରେ ନିଆଁ ଲାଗି ମମତାଙ୍କ ଗୋଡ଼ ପୋଡ଼ି ହୋଇଯାଇଥିଲା। ପାଖରେ ଥିବା ସମ୍ପର୍କୀୟ ଗଣେଶ ଓ ଲବ ତାଙ୍କୁ ଉଦ୍ଧାରକରି ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମମତାଙ୍କୁ ବିଶାଖାପାଟଣା ନେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ଖବରପାଇ ପାପଡ଼ାହାଣ୍ଡି ତହସିଲଦାର ଯୋଗେଶ୍ୱର ଭୋଇ ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ ପାଇଁ ପଠାଇବା ସହ ମମତାଙ୍କ ପାଇଁ ଆର୍ଥିକ ସହାୟତା ଦେଇଛନ୍ତି।

# ‘ଶୃଙ୍ଖଳିତ ଶିକ୍ଷା ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ କରେ’

**ଜିଲାସ୍ତରୀୟ ଶିଶୁ ଉତ୍ସବ**

କୋରାପୁଟ,୨୩।୧୨(ସ୍ୱ.ପ୍ର.)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ସୁନାପୁରସ୍ଥିତ ଶହୀଦ ରାଜୀବ ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ପରିସରରେ ୩୯ତମ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ -୨୦୨୨ ଉଦ୍‌ଘାଟିତ ହୋଇଯାଇଛି। ଓଷ୍ଟା ଜିଲ୍ଲା ସଭାପତି ଶୁଶାନ୍ତ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅଥିତି ରୂପେ ସହକାରୀ ଦୁର୍ଗପତି ଗଙ୍ଗାଧର ଧଙ୍ଗର, କାଉନସିଲର ଲିପ୍ସା ପ୍ରଧାନ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ରଘୁରାମ ପଡାଲ ଯୋଗଦେଇ ପ୍ରତେକ ଛାତ୍ରୀଛାତ୍ର ଶୃଙ୍ଖଳିତ ଭାବେ ଶିକ୍ଷା ଲାଭ କରି ସମାଜରେ ନିଜକୁ ଜଣେ ଭଲ ମଣିଷ ଭାବେ ଗଢ଼ି ତୋଳି ଦେଶ ବିକାଶରେ ସାମିଲହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନି ଯୋଗଦେଇ ଏହି ଉତ୍ସବ ଶିଶୁଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ଅନ୍ୟତମ ଅତିଥି ରୂପେ ଓଷ୍ଟାର ରାଜ୍ୟ ଉପସଭାପତି ରାମକୃଷ୍ଣ ସାବତ, ରାଜ୍ୟ ପୂର୍ବତନ ଯୁଗ୍ମ ସମ୍ପାଦକ ପଞ୍ଚାନନ ଗୌଡ଼, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ଭଙ୍ଗ, ଦେବେନ୍ଦ୍ର ବୈଦ୍ୟ ଉପସ୍ଥିତ ଥିଲେ। ଜିଲ୍ଲା ସମ୍ପାଦକ ଅଶୋକ ପଟ୍ଟନାୟକ ସ୍ୱାଗତ ଦେଇଥିଲେ। ଅନୁଷ୍ଠିତ ୧୦ଟି ବିଭିନ୍ନ ପ୍ରତିଯୋଗିତା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ଶ୍ରେଷ୍ଠ ୧୦ଜଣ ଆସନ୍ତା ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ କଟକ ଶହୀଦ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ସମ୍ପାଦକ କହିଥିଲେ। ଏହି ଅବସରରେ ଅବସର ଗ୍ରହଣ କରିଥିବା ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ ସ୍ୱାଇଁ, ରାମକୃଷ୍ଣ ସାବତ, ନିହାର ରଞ୍ଜନ ରାଉତରାୟ, ଦୁଷ୍ମନ୍ତ ମହାନ୍ତି। ବିଜୟ ଭଙ୍ଗ ଧନ୍ୟବାଦ ଦେଇଥିଲେ।

# ସ୍ୱତନ୍ତ୍ର ପ୍ୟାକେଜ ମଞ୍ଜୁର କରିବାକୁ ଅନୁରୋଧ

**କୋରାପୁଟ ଜିଲାରେ ପର୍ଯ୍ୟଟନର ବିକାଶ ପାଇଁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି**

ଭୁବନେଶ୍ୱର,୨୩।୧୨(ବ୍ୟୁରୋ):

କୋରାପୁଟ ଜିଲାରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଏକ ସ୍ୱତନ୍ତ୍ର ପ୍ୟାକେଜ୍ ମଞ୍ଜୁର କରିବାକୁ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷାନ ରେଡ୍ଡୀଙ୍କୁ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, କୋଭିଡ୍ ମହାମାରୀ ସମୟରେ ଦେଶବ୍ୟାପୀ ଲକ୍‌ଡାଉନ କାରଣରୁ ପର୍ଯ୍ୟଟନ କ୍ଷେତ୍ର ବିଶେଷ ପ୍ରଭାବିତ ହୋଇଥିଲା। ବର୍ତ୍ତମାନ ସ୍ୱାଭାବିକ ସ୍ଥିତିରେ ଏହି କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି କରାଇବା ଜରୁରୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିରେ ଦେଖୋ ଅପ୍‌ନା ଦେଶ୍ ଅନ୍ତର୍ଗତ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରଣାଳୟ ଦେଶ ଏବଂ ବିଦେଶରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେଉଛି। କୋରାପୁଟ ଜିଲାରେ ପର୍ଯ୍ୟଟନ କ୍ଷେତ୍ରରେ ଅନେକ ସମ୍ଭାବନା ରହିଛି। ଜିଲାକୁ ଉତ୍ତମ ରେଳ ସଂଯୋଗ ସହ କୋରାପୁଟ-ରାୟଗଡା ରେଳପଥରେ ଭିଷ୍ଟାଡୋମ କୋଚ୍ ଭଳି ଅତ୍ୟାଧୁନିକ ସୁବିଧା ରହିଛି। କୋରାପୁଟକୁ ଲାଗିଥିବା ଆନ୍ଧ୍ରପ୍ରଦେଶର ଆରାକୁ ଉପତ୍ୟକାକୁ ବିକଶିତ କରାଯାଇଥିବା ବେଳେ ଭାଇଜାଗ ଏବଂ ଆଖପାଖ ଅଞ୍ଚଳର ଲକ୍ଷ ଲକ୍ଷ ପର୍ଯ୍ୟଟକ ସେଠାକୁ ବୁଲିବା ପାଇଁ ଯାଉଛନ୍ତି। ସେହିଭଳି ଭାବେ କୋରାପୁଟରେ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ଭଳି ଜୟପୁରରେ ଐତିହାସିକ ସ୍ଥାନ ସହ ଶ୍ରୀଜଗନ୍ନାଥ ମନ୍ଦିର, ଡୁଡୁମା ଜଳପ୍ରପାତ, କୋଲାବ ଡ୍ୟାମ୍‌ରେ ବୋଟିଂ, ଦେଓମାଳି ପର୍ବତରେ କ୍ୟାମ୍ପ କରିବାର ବ୍ୟବସ୍ଥା ରହିଛି। କୋରାପୁଟ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଅନୁମୋଦନ କରାଗଲେ ଅଞ୍ଚଳର ପର୍ଯ୍ୟଟନ ପୁନରୁଦ୍ଧାର ସହ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ମାନବ ସେବାକୁ ମାଧବ ସେବା ରୂପେ ଗ୍ରହଣ କରିବାକୁ ପରାମର୍ଶ

ଜୟପୁର,୨୩।୧୨ (ନି.ପ୍ର.)

ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ପକ୍ଷରୁ ପୋଷ୍ୟ ଗ୍ରାମ ଫୁଲବାଡଠାରେ ୭ଦିନିଆ ଶୀତ ଶିବିର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମ ଅଧିକାରୀ ଡ. ମନୋରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶିବିର ୨୯ତାରିଖ ପର୍ଯ୍ୟନ୍ତ ଚାଲିବ। ୫୦ଜଣ ଛାତ୍ରୀଙ୍କୁ ନେଇ ହେଉଥିବା ଏହି ଶିବିରର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ପ୍ରଧାନ ଯୋଗଦେଇ ମାନବ ସେବାକୁ ମାଧବ ସେବା ଭାବରେ ଜୀବନର ବ୍ରତ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ପଟ୍ଟନାୟକ ସ୍ୱେଚ୍ଛାସେବୀଙ୍କୁ ଭବିଷ୍ୟତରେ ଭଲ ନାଗରିକ ଭାବରେ ଦେଶର ବିକାଶରେ ଭାଗୀଦାରି ହେବାକୁ କହିଥିଲେ। ସମ୍ମାନିତ ଅତିଥି ରୂପେ ବିଜ୍ଞାନ ଇଣ୍ଟରନ୍ୟାଶନାଲ ସ୍କୁଲର କାଳୁରାମ ପଣ୍ଡା ମାନବ ସେବା ଦାରା ମିଳୁଥିବା ଆତ୍ମ ସନ୍ତୋଷ ସମ୍ପର୍କରେ ମତ ରଖିଥିଲେ। ଅଶୋକ ମୁଣ୍ଡ୍ରା ଯୋଗଦେଇ ନିଜକୁ ସର୍ବଶ୍ରେଷ୍ଠ ମଣିଷ ଭାବରେ ଗଢ଼ିତୋଳିବାକୁ ମାର୍ଗଦର୍ଶନ କରିଥିଲେ। ଡ. ପ୍ରଧାନ ଶିବିରର କାର୍ଯ୍ୟସୂଚୀ ଓ ଆଭିମୁଖ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ। ସ୍ୱେଚ୍ଛାସେବୀ ମାନେ ଗ୍ରାମରେ ବୟୋଜ୍ୟେଷ୍ଠମାନଙ୍କୁ ସାକ୍ଷର, ବିଦ୍ୟାଳୟ ପଢୁଆ ଛାତ୍ରୀଛାତ୍ର ମାନଙ୍କୁ ମୌଳିକ ଅକ୍ଷର ଶିକ୍ଷା ଓ ଗୁଣନ ଦକ୍ଷତାର ବିକାଶ, ସ୍ୱଚ୍ଛ ଭାରତ ଅଭିଯାନରେ ଗ୍ରାମ ସଫେଇ, ସ୍ୱାସ୍ଥ୍ୟ ସଚେତନତା, ପାଇଖାନାର ଉପଯୋଗ, ନିଶାଦ୍ରବ୍ୟ ମୁକ୍ତ ଗ୍ରାମ ନିର୍ମାଣ ଲାଗି ସଚେତନ କରିଥିଲେ। ଶିବିରାର୍ଥୀମାନଙ୍କ ବ୍ୟକ୍ତିଗତ ଦକ୍ଷତା ବୃଦ୍ଧି ନିମନ୍ତେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଆଲୋଚନାଚକ୍ର, ନୃତ୍ୟ, ସଙ୍ଗୀତ, ପଥପ୍ରାନ୍ତ ନାଟକ, ବିଭିନ୍ନ ଶାରୀରିକ ଓ ମାନସିକ କ୍ରୀଡା ଆଦି କାର୍ଯ୍ୟକ୍ରମ କରାଯିବ ବୋଲି କାର୍ଯ୍ୟକ୍ରମ ଅଧିକାରୀ ଡ଼ ପ୍ରଧାନଙ୍କ କହିଛନ୍ତି। ଉଦ୍‌ଘାଟନୀ ଅବସରରେ ଭାରତ ମାତା ଓ ସାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।




ଅତିଥିମାନେ ଉପସ୍ଥିତ ଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଦେଉଛନ୍ତି।

# ଅଚିହ୍ନା ମୃତଦେହ ଜବତ, ହତ୍ୟା ସନ୍ଦେହ

ପଟ୍ଟାଙ୍ଗି,୨୩।୧୨(ଡି.ଏନ.ଏ.)

ଏକ ଜଙ୍ଗଲ ରାସ୍ତାକଡରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଶୁକ୍ରବାର ଜବତ ହୋଇଛି। ତେବେ ଗଞ୍ଜେଇ ଚୋରା ଚାଲାଣକୁ ନେଇ ବିବାଦ ସୃଷ୍ଟି ପରେ ଏପରି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ଆଲୋଚନା ହେଉଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଅଜଣା ମୃତଦେହ ସମ୍ପର୍କରେ ଜାଣି ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ରାଲେଗଡା ପଞ୍ଚାୟତର ମିରିଆଲପାଡୁ ଗ୍ରାମବାସୀଙ୍କ ମଧ୍ୟରେ ଭୟ ପ୍ରକାଶ ପାଇଛି। ଏନେଇ ଗ୍ରାମବାସୀ କହନ୍ତି, ମୃତ ଯୁବକ ଜଣକ କେଉଁ ଅଞ୍ଚଳର ତାହା ଜଣାପଡୁ ନାହିଁ। ଆମେ ଗୁରୁବାର ରାତିରେ ମୃତଦେହ ଦେଖି ଭୟଭୀତ ହୋଇ କାହାକୁ କିଛି ଜଣାଇ ନ ଥିଲୁ। ମାତ୍ର ଆମ ପଞ୍ଚାୟତରେ ମୁତୟନ ହୋଇଥିବା ବିଏସ୍‌ଏଫ୍ କୌଣସି ସୂତ୍ରରୁ ଏହା ଜାଣି ପୋଲିସକୁ ଖବର ଦେଇଥିଲା ବୋଲି ଗ୍ରାମବାସୀ କହିଛନ୍ତି। ପରେ ସମିତି ସଭ୍ୟ ତଥା ବ୍ଲକ ଉପାଧକ୍ଷ ତ୍ରିନାଥ କଟା ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ଶୁକ୍ରବାର ସକାଳୁ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କୋରାପୁଟ ମେଡିକାଲ କଲେଜକୁ ପଠାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ଏହାର ପ୍ରକୃତ କାରଣ ଜଣାପଡ଼ିବ। କୋରାପୁଟରୁ ମଧ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରୁଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଅଞ୍ଚଳରେ ବିଳମ୍ବିତ ରାତିରେ ଗଞ୍ଜେଇ ଚୋରା ଚାଲାଣ ହେଉଛି। ଏନେଇ ପୋଲିସ ନିକଟରେ ଖବର ଥିଲେ ସୁଦ୍ଧା ସେ କୌଣସି ପଦକ୍ଷେପ ଗ୍ରହଣ କରେନାହିଁ। ଉପରୁ ଚାପ ପଡ଼ିଲେ ପୋଲିସ ତତ୍ପରତା ଦେଖାଇ ରାତ୍ରିକାଳୀନ ଯାଞ୍ଚକୁ ବାହାରିଥାଏ ।

# ବ୍ୟାଡ଼ମିଣ୍ଟନରେ ବିଦ୍ୟାମନ୍ଦିର ଛାତ୍ରୀଙ୍କ ସଫଳତା

ଦାମନଯୋଡ଼ି, ୨୩।୧୨(ଡି.ଏନ.ଏ.)



ରାଜ୍ୟସ୍ତରୀୟ ଆଦିବାସୀ ମହୋତ୍ସ ପରବ-୨୦୨୨ ରୌପ୍ୟ ଜୟନ୍ତୀ ଅବସରରେ ଅନୁଷ୍ଠିତ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ଦାମନଯୋଡ଼ିର ଛାତ୍ରୀଙ୍କୁ ସଫଳତା ମିଳିଛି। ଜିଲାସ୍ତରର ଏହି ପ୍ରତିଯୋଗିତାର ମହିଳା ବିଭାଗରେ ନାଲ୍‌କୋ ଟାଉନଶିପ ସରସ୍ୱତୀ ବିଦ୍ୟାମନ୍ଦିରର ଦ୍ୱାଦଶ ଶ୍ରେଣୀ ଛାତ୍ରୀ ଝିମାଇ ଖିଲ ଚାମ୍ପିୟନ ହୋଇଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀର ହେମଲତା ବୁଡିଆ ରନର୍ସ ଅପ୍ ହୋଇଛନ୍ତି। ଉଭୟ ଛାତ୍ରୀ ପୂର୍ବରୁ ବ୍ଲକ ସ୍ତରରେ ସଫଳତା ପାଇ ଜିଲାସ୍ତରକୁ ଯାଇଥିଲେ। କୋରାପୁଟରେ ଅନୁଷ୍ଠିତ ଉତ୍ସବରେ ଉଭୟ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଛନ୍ତି। ଝିମାଇ ଓ ହେମଲତାଙ୍କ ସଫଳତା ପାଇଁ ତାଙ୍କ କୋଚ ଡ.ରମେଶ ଚନ୍ଦ୍ର ସ୍ୱାଇଁ, ଶାରୀରିକ ଶିକ୍ଷା ଶିକ୍ଷକ ଡ.ନିରୋଦ ପ୍ରଧାନ, ବିଦ୍ୟାମନ୍ଦିର ଅଧକ୍ଷ ଡ.ଶୁଭ୍ରାଂଶୁ ଶେଖର ବାହିନୀପତି,ସମ୍ପାଦକ ଅଶୋକ ନାୟକ ଓ ଅଭିଭାବକମାନେ ଶୁଭେଚ୍ଛା ଜଣାଇଛନ୍ତି।

# ୨ ଗ୍ରାମରେ ଧାନମଣ୍ଡିର ଶୁଭାରମ୍ଭ

ଲକ୍ଷ୍ମୀପୁର/ବୈପାରିଗୁଡା, ୨୩।୧୨ (ସ୍ୱ.ପ୍ର./ଡି.ଏନ.ଏ.)

ଲକ୍ଷ୍ମୀପୁର ବ୍ଲକ କାକିରିଗୁମା ଲ୍ୟାମ୍ପ ଅଧୀନ ଚମ୍ପି ଗ୍ରାମରେ ଖରିଫ ଧାନମଣ୍ଡି ଶୁକ୍ରବାର ଆରମ୍ଭ ହୋଇଛି। ଲ୍ୟାମ୍ପ ସଭାପତି ସାମୁଦ୍ର ସାଉନ୍ତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରଭୁ ଜାନି, ପଞ୍ଚାୟତ ସମିତି ଅଧକ୍ଷା ସୁଆଇ କୁଲେଶିକା, ଉପାଧକ୍ଷା ଆରତି କୁଲଦୀପ, ଯୋଗାଣ ଅଧିକାରୀ ପ୍ରଭାସ ରଞ୍ଜନ ଶତପଥୀ, ଅର୍‌ଏମ୍‌ସି ମାର୍କେଟ ଗାର୍ଡ ଭରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରିଚାଳନା ନିର୍ଦ୍ଦେଶକ ସୁରେଶ ନାୟକ, ନିର୍ଦ୍ଦେଶକ ସୀମା ମୁଦୁଲି, ଉଦୟ ହିକାକା, ଦ୍ରୋଣ ଖୋସ୍ଲା ସହଯୋଗ କରିଥିଲେ। ସେହିପରି ବୈପାରିଗୁଡା ବ୍ଲକ ଦୋରାଗୁଡା ପଞ୍ଚାୟତର ବେରଗାଁଠାରେ ଧାନ ମଣ୍ଡି ଆରମ୍ଭ ହୋଇଛି । କୋରାପୁଟ ବିଧାୟକ ରଘୁରାମ ପଡାଲ, କେସିସି ସଭାପତି ଈଶ୍ୱରଚନ୍ଦ୍ର ପାଣିଗ୍ରାହୀ, ଡାଇରେକ୍ଟର ରମାକାନ୍ତ ରାଉଳ, ସମିତିସଭ୍ୟ ତ୍ରିଲୋଚନ ଜେନା, ସରପଞ୍ଚ ଶୁଶିଳା କାଣ୍ଡିକି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଧାନ ବିକିବା ନେଇ ସବିଶେଷ ତଥ୍ୟ ରହୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି ।

# ରକ୍ଷଣାବେକ୍ଷଣ ହେଉନି ଡଙ୍ଗରପାଉଁଶି ରାସ୍ତା

କୁନ୍ଦୁରା,୨୩।୧୨ (ଡି.ଏନ.ଏ.)- କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ଡଙ୍ଗରପାଉଁଶି ସଦର ମହକୁମା ଦେଇ ବେଢା ପାଉଁଶି ଏବଂ ଜିରାଗୁଡାକୁ ସଂଯୋଗ କରୁଥିବା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ରାସ୍ତା ରକ୍ଷଣାବେକ୍ଷଣ ହେଉନାହିଁ। ଡଙ୍ଗରପାଉଁଶି ପଞ୍ଚାୟତ ଅଧୀନରେ ଥିବା ଏହି ରାସ୍ତା ଦୀର୍ଘ ୩ବର୍ଷ ହେଲା ଖରାପ ହୋଇ ପଡ଼ିଛି। ଏହାକୁ ମରାମତି କରିବାକୁ ଠିକାଦାରଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ଦ୍ଦେଶ ଦେଉନାହିଁ। ଉକ୍ତ ରାସ୍ତା ଉପରେ ଡଙ୍ଗରପାଉଁଶି, ଭେଜାହାଣ୍ଡି, ବେଢାପାଉଁଶି, ଦୋରାଗୁଡା ଗ୍ରାମର ଲୋକେ ନିର୍ଭର କରନ୍ତି। ରାସ୍ତା ଦେଇ ବାଲି ଗାଡିଗୁଡିକ ଯାତାୟାତ କରି ରାସ୍ତା ଅଧିକ ନଷ୍ଟ ହେବାରେ ଲାଗିଛି। ଏହି ରାସ୍ତାରେ ୩ଟି ଉଚ୍ଚ ବିଦ୍ୟାଳୟ, ଆବାସିକ ବିଦ୍ୟାଳୟ, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ପ୍ରାୟ ୧ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଧୂଳିଧୂସର ହୋଇ ବିଦ୍ୟାଳୟକୁ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି।

# ମେଗା ପାନୀୟ ଜଳ ପ୍ରକଳ୍ପରୁ ସହର ବଞ୍ଚିତ ହେବା ନେଇ ଅସନ୍ତୋଷ

- ବିଷମକଟକ ପଞ୍ଚାୟତ ସମିତି ବୈଠକ
- ପରେ ଚିନ୍ତା କରିବା କହିଲେ ଯନ୍ତ୍ରୀ

ବିଷମକଟକ,୨୩।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୨୧ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା, ସଭ୍ୟ ଯୋଗ ଦେଇଥିଲେ। ବୈଠକରେ ବିଷମକଟକ ବ୍ଲକ ଅଧକ୍ଷା ଯଶୋଦା ହୁଇକା, ବିଡିଓ ସଦାଶିବ ନାୟକ, ବ୍ଲକ ଉପାଧକ୍ଷ ଦେବି ପ୍ରସାଦ ପଟନାୟକ, ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କ ପ୍ରତିନିଧି ଭାବେ ଜ୍ୟୋତି ପ୍ରସାଦ ସାହୁ, କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ପୁରୁଷୋତ୍ତମ ତୁଳ, ଜିଲା ପରିଷଦ ସଭ୍ୟା ସୁଜାତା କାଡ୍ରାକା ପ୍ରମୁଖ ମଞ୍ଚାସିନ ଥିଲେ। ବୈଠକରେ ଜନ ଯୋଜନା ଅଭିଯାନ, ପଞ୍ଚାୟତ ଉନ୍ନୟନ ଯୋଜନାର ପ୍ରସ୍ତୁତି ନେଇ ଆଲୋଚନା ସହ ହାଇସ୍କୁଲ ରୂପାନ୍ତରୀକରଣର ଓ ବିଭିନ୍ନ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଶିଶୁ ଓ ମାତୃ ଯୋଜନା ବିଭାଗର କାର୍ଯ୍ୟଶୈଳୀ ନେଇ ମନ୍ତ୍ରୀଙ୍କ ପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷକରି ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିଥିଲା।



ବୈଠକରେ ବ୍ଲକ ଅଧକ୍ଷା, ଉପାଧକ୍ଷ, ବିଡିଓ ଓ ଅନ୍ୟମାନେ ।

ବିଷମକଟକ ସଦର ପଞ୍ଚାୟତରେ ରହିଥିବା ବିଭିନ୍ନ ପମ୍ପ ହାଉସ ଗୁଡ଼ିକ ପାଇଁ ମୋଟର ଉପଲବ୍ଧ କରିବା ପାଇଁ ଗତ ଜୁଲାଇରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଅଧୀକ୍ଷଣ ଯନ୍ତ୍ରୀ ସ୍ଥାନୀୟ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ ଅଧିକାରୀମାନେ ମୋଟର ଉପଲବ୍ଧ କରାଇବାରେ ବିଫଳ ହୋଇଛନ୍ତି। ଅନୁରୂପ ଭାବେ ମେଗା ପାନୀୟ ଜଳ ପ୍ରକଳ୍ପ ନିମନ୍ତେ ପାଇପ୍ ବିଛାଯିବାରେ ଉପୁଜୁଥିବା ସ୍ଥାନୀୟ ସମସ୍ୟାରେ ନିର୍ବାଚିତ ପ୍ରତିନିଧିଙ୍କୁ ସହଯୋଗ କରିବା ପାଇଁ ବିଡିଓ ଅନୁରୋଧ କରିଥିଲେ। ବିଷମକଟକ ସହରବାସୀ, ସରପଞ୍ଚ ଏବଂ ଉପାଧକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ମେଗା ପାନୀୟ ଜଳ ପ୍ରକଳ୍ପର ସୁବିଧା ପାଇଁ ବାରମ୍ବାର ଅଭିଯୋଗ କରିଥିଲେ ମଧ ବିଷମକଟକ ସହରକୁ ପାନୀୟ ଜଳ ପ୍ରକଳ୍ପରେ ସାମିଲ କରାଯାଇନାହିଁ। ଶୁକ୍ରବାର ଏହି ପ୍ରସଙ୍ଗକୁ ସରପଞ୍ଚ ଗୁରତ୍ୱ ଦେବାପରେ କନିଷ୍ଠ ଯନ୍ତ୍ରୀ କିଛି ସମୟ ଚୁପ୍ ରହିଥିଲେ। ପରେ ଅନ୍ୟ କୌଣସି ଯୋଜନାରେ ବିଷମକଟକକୁ ସାମିଲି କରାଯିବ କହି ଚାଲିଯାଇଥିଲେ। କୋଣସି ପ୍ରକାରେ ବିଷମକଟକକୁ ଏହି ପ୍ରକଳ୍ପରେ ସଂଯୋଗ କରାଯାଇ ପାରିବ ନାହିଁ। ଏହାର ବିକଳ୍ପ ପନ୍ଥା ପରେ ଚିନ୍ତା କରଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଗ୍ରୀଷ୍ମ ଋତୁ ପୂର୍ବରୁ ମେଗା ପାନୀୟ ଜଳ ପ୍ରକଳ୍ପ କାମ ତ୍ୱରାନ୍ୱିତ କରି ବିଷମକଟକ ବ୍ଲକର ଅଧିକାଂଶ ଲୋକଙ୍କୁ ଏହି ଯୋଜନା ର ଲାଭ ପହଞ୍ଚେଇବା ପାଇଁ ଲକ୍ଷ୍ୟ ରହିଥିବା ବିଡିଓ କହିଛନ୍ତି।






# ଧୂଳି ଉଡ଼ି ନଷ୍ଟ ହେଉଛି ପରିଶ୍ରମର ଫସଲ

ଉମରକୋଟ, ୨୩।୧୨(ସ୍ୱ.ପ୍ର.)

ନବରଙ୍ଗପୁର ଉମରକୋଟ ଦେଇ ରାଇପୁରରୁ ବିଶାଖାପାଟଣା ଭାରତମାଳା ରାସ୍ତାର ନିର୍ମାଣ କାମ ଜୋର୍‌ସୋରରେ ଚାଲିଛି। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋଭାବ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଦୈନିକ ଏହି ରାସ୍ତା କାର୍ଯ୍ୟରେ ୫୦୦ରୁ ଉର୍ଦ୍ଧ୍ୱ ଟ୍ରକ୍, ଟିପ୍ପର ଭଳି ବଡ଼ବଡ଼ ଯାନବାହନ ଓଭରଲୋଡିଂ କରି ଅତି ଦ୍ରୁତଗତିରେ ଯାଉଛି। ଧୂଳିଧୂସରରେ ଉମରକୋଟବାସୀ ଅତିଷ୍ଠ ହୋଇପଡିଲେଣି। ଏହି ଟ୍ରକ୍ ଯାଉଥିବା ରାସ୍ତାରେ ଧୂଳି ନ ଉଡ଼ିବା ପାଇଁ ପାଣି ଲଗାତର ଛିଞ୍ଚିବାର ନିୟମ ରହିଛି। କିନ୍ତୁ ଏହି ନିୟମକୁ ଠିକ୍‌ଭାବେ ପାଳନ କରାଯାଉ ନ ଥିବା ବାରମ୍ବାର ଅଭିଯୋଗ ହେଉଛି। ବର୍ତ୍ତମାନ ଏହି ରାସ୍ତାର ଧୂଳି ଉଡ଼ି ମକା ଫସଲ ନଷ୍ଟ ହେଇଥିବା ଅଭିଯୋଗ କରିଛନ୍ତି ଚାଷୀ।

ଉମରକୋଟ ବ୍ଲକ ଅଧୀନ ବଡ଼କୁମାରୀ ପଞ୍ଚାୟତ ଅଧୀନରେ ଆସୁଥିବା ଭାଲୁସାହି ଗ୍ରାମରେ ମକା ଫସଲ ନଷ୍ଟ ହୋଇଯାଇଥିବା ସେହି ଗ୍ରାମର ଚାଷୀ ଜଗ ସାନ୍ତା ଅଭିଯୋଗ କରିଛନ୍ତି। ଟଙ୍କା କରଜ ଆଣି ବହୁ ପରିଶ୍ରମ କରି ମକାଚାଷ କରିଥିଲେ। ଗଛ ବି ପ୍ରାୟ ୨ ଫୁଟ ହେଲାଣି। କିନ୍ତୁ ଜମି ଦେଇ ଯାଇଥିବା ରାସ୍ତାରେ ଭାରତମାଳା ଯୋଜନା କାମରେ ନିୟୋଜିତ ଟ୍ରକ୍ ଯାଇ ଧୂଳି ଉଡ଼ି ଗଛ ଉପରେ ପଡୁଛି। ତେଣୁ ଗଛ ଆଉ ବଢୁନି ବୋଲି ଜଗ କହି ଚିନ୍ତାବ୍ୟକ୍ତ କରିଛନ୍ତି। ଗ୍ରାମ ନିକଟରେ ଥିବା ଭାରତମାଳାର କ୍ୟାମ୍ପରେ ଟ୍ରକ୍ ଡ୍ରାଇଭର ଓ ଉପସ୍ଥିତ ଅଧିକାରୀଙ୍କୁ ପାଣି ପକାଇବା ପାଇଁ ଅନୁରୋଧ କଲେ ମଧ କେହି ଶୁଣୁ ନ ଥିବା ଜଗ ଅଭିଯୋଗ କରିଛନ୍ତି। ରାସ୍ତା କାମକୁ ବିରୋଧ ନୁହେଁ ବରଂ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଖାମଖିଆଲ କାର୍ଯ୍ୟକୁ ପ୍ରତି ବିରୋଧ କରୁଛୁ ବୋଲି ଅଞ୍ଚଳବାସୀ କହିଛନ୍ତି। ଏପରି ବହୁ ମକା, ପରିବା ଓ ଧାନ ଫସଲ ନଷ୍ଟ ହେଉଥିବା ଅଭିଯୋଗ କରିଛନ୍ତି ଚାଷୀ। ତୁରନ୍ତ ଅଧିକାରୀ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଲେ ଏକ ବଡ଼ ଧରଣର ଜନ ଆନ୍ଦୋଳନକୁ ଏଡ଼ାଇ ନ ଯାଇପାରେ। ଏବିଷୟରେ ଉମରକୋଟ ତହସିଲଦାର ଏନ୍. ଜଗନ୍ଜୀବନ ଚୌଧୁରୀଙ୍କୁ ପଚାରିବାରୁ ଘଟଣା ବିଷୟରେ ଆପଣଙ୍କଠାରୁ ଜାଣିଲି। ଘଟଣାର ତଦନ୍ତ କରି ଭାରତ ମାଳା ଅଧିକାରୀଙ୍କୁ ଏବିଷୟରେ ତାଗିଦ କରାଯିବ। ଧୂଳି କିପରି କମି ପାରିବ ସେ ଦିଗରେ ଚେଷ୍ଟା କରିବି ବୋଲି ସେ କହିଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

